# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 04th April - 2025
***********************************

*Desk*

## ରାଜ୍ୟସଭା - ୱାକଫ୍ ବିଲ୍

ୱାକଫ୍ ସଂଶୋଧନ ବିଧେୟକ-୨୦୨୫ (ଉମିଦ୍) ଗତକାଲି ରାଜ୍ୟସଭାରେ ପାରିତ ହୋଇଯାଇଛି । ବିଧେୟକ ଉପରେ ଦୀର୍ଘ ସମୟ ଧରି ଆଲୋଚନା ପରେ ଭୋଟ୍ ଗ୍ରହଣ କରାଯାଇଥିଲା । ବିଧେୟକ ସପକ୍ଷରେ ୧୨୮ଟି ଓ ବିପକ୍ଷରେ ୯୫ଟି ଭୋଟ୍ ମିଳିଥିଲା । ରାଜ୍ୟସଭାରେ ପାରିତ ହେବା ପୂର୍ବରୁ ଗତକାଲି ଲୋକସଭାରେ ଏହି ବିଲ୍ ସପକ୍ଷରେ ୨୮୮ ଜଣ ଏବଂ ବିପକ୍ଷରେ ୨୩୨ ଜଣ ସାଂସଦ ମତଦାନ କରିଥିଲେ । ସଂସଦର ଉଭୟ ଗୃହରେ ଅନୁମୋଦନ ଲାଭ ପରେ ବିଲ୍‌ଟିକୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଯିବ । ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବା ପରେ ୱାକଫ୍ ସଂଶୋଧନ ବିଧେୟକ-୨୦୨୫ (ଉମିଦ୍) ଆଇନରେ ପରିଣତ ହେବ ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ୱାକଫ୍ ସଂଶୋଧନ ବିଲ୍ କୌଣସି ଧର୍ମ ସହିତ ସଂଶ୍ଳିଷ୍ଟ ନୁହେଁ। ଏହା କେବଳ ମୁସଲ୍‌ମାନ୍ ସମ୍ପ୍ରଦାୟର ୱାକଫ୍ ସମ୍ପତ୍ତି ଉପରେ ଆଇନ ଅଣାଯାଇଛି । ୱାକଫ୍ ବୋର୍ଡ଼ର ସମ୍ପତ୍ତି ସହିତ ଏହି ବିଲ୍ ଜଡ଼ିତ ଏବଂ ୱାକଫ୍ ବୋର୍ଡ଼କୁ ସମାବେଶୀ ଓ ଧର୍ମ

ନିରପେକ୍ଷ କରିବାପାଇଁ ସରକାର ଚାହାନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***IPR***

## କଲ୍ଲୋଳ-୨୦୨୫

ଜଗତ୍‌ସିଂହପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାପାଇଁ ଖୁବ୍‌ଶୀଘ୍ର ଏକ ମେଡିକାଲ୍ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଜିଲ୍ଲା ମମହୋତ୍ସବ 'କଲ୍ଲୋଳ-୨୦୨୫'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଗତ୍‌ସିଂହପୁର ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବେ ଗଢ଼ି ତୋଳିବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।

ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ୍ ଜିଲ୍ଲାର ବିକାଶପାଇଁ ସରକାର ମଞ୍ଜୁର କରିଛନ୍ତି । ପାରାଦ୍ୱୀପ-ଚୌଦ୍ୱାର, ଅନୁଗୁଳ-ଢେଙ୍କାନାଳ, ଝାରସୁଗୁଡ଼ା-ସମ୍ବଲପୁର, ସୁନ୍ଦରଗଡ଼-ରାଉରକେଲାକୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର୍‌ର ବିକାଶ କରାଯିବ ।

*Desk*

# ଓଡ଼ିଆ ପକ୍ଷ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବାପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ଚତୁର୍ଥ ଦିନରେ ଆଜି 'ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ' ଦିବସ ପାଳନ କରାଯାଉଛି ।

ଗତକାଲି ତୃତୀୟ ଦିନରେ 'ଆମ ପୋଷାକ, ଆମ ପରିଚୟ' ଦିବସ ପାଳନ କରାଯାଇଥିଲା ।

*Desk*

# ଓଡ଼ିଆ ପକ୍ଷ - ସ୍ୱତନ୍ତ୍ର ୱେବ୍‌ସାଇଟ୍

ରାଜ୍ୟରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଏକ ସ୍ୱତନ୍ତ୍ର ୱେବସାଇଟ odiapakhya.com ଆରମ୍ଭ କରାଯାଇଛି। ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସମସ୍ତ ବିବରଣୀ ସହ କୁଇଜ୍ ରଖାଯାଇଛି। ଏଥିରେ ଓଡ଼ିଶାର ବରପୁତ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପ୍ରଶ୍ନ ରହିଛି। କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅନ୍‌ଲାଇନ୍ ଜରିଆରେ ଡିଜିଟାଲ୍ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

***Desk***

# ଇ-ବସ୍

ବିକଶିତ ଓଡ଼ିଶା ଓ ସବୁଜ ସହର ନିର୍ମାଣକୁ ଗୁରୁତ୍ୱ ଦିଆଯାଇ ସହରାଞ୍ଚଳର ଯାତାୟତକୁ ସହଜ, ସୁଗମ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ ୪୦ଟି ନୂତନ ଇ-ବସ୍‌ର ଶୁଭାରମ୍ଭ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ବିଭାଗୀୟ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି :

***Voice :......***

***Desk***

# ଜନ ଶୁଣାଣି ଆବେଦନ

ଜିଲ୍ଲା ସ୍ତରରେ ପ୍ରତି ସୋମବାର ଚାଲୁଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ଆରମ୍ଭ ହେଉଛି । ଆସନ୍ତା ସୋମବାର ୭ ତାରିଖ ଶୁଣାଣି ପାଇଁ ଆଜି ପୂର୍ବାହ୍ନ ୧୧ଟାରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବ । ଯୁଗ୍ମ ଶୁଣାଣିରେ ଭାଗ ନେବାପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ରାଜ୍ୟ ସରକାରଙ୍କ ଜନଶୁଣାଣି ପୋର୍ଟାଲ୍‌ରେ ଅନ୍‌ଲାଇନ୍ ପଞ୍ଜୀକରଣ କରିପାରିବେ ।

*Desk*

## ଦୁଗ୍ଧଚାଷୀ - ଅନ୍‌କଲ

ଅନ୍‌କଲ୍ କୃତ୍ରିମ ପ୍ରଜନନ - ଏ.ଆଇ ସେବା ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଚାଷୀମାନେ ଏହି ସେବା ଘରେ ବସି ପାଇପାରିବେ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନମ୍ବର ୧୫୫-୩୩୩ ଜାରି କରାଯାଇଛି । ଏହାର ସୁଯୋଗ ନେବାପାଇଁ ଦୁଗ୍ଧଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ କୁହାଯାଇଛି ।

*IPR*

## ବି.ଡି.ଏ. ବୈଠକ

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ - ବି.ଡି.ଏ.ର ୧୫୦ତମ କର୍ତ୍ତୃପକ୍ଷ ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ମୋଟ୍ ୧ ହଜାର ୫୩୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବଜେଟ୍ ଅନୁମୋଦନ କରାଯାଇଛି । ବି.ଡି.ଏ. ଅଧ୍ୟକ୍ଷ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଭୁବନେଶ୍ୱରର ସମ୍ପ୍ରସାରଣ ଏବଂ ଏହାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ୧୪୩ଟି ନୂତନ ରାଜସ୍ୱ ଗ୍ରାମକୁ ବି.ଡି.ଏ. ସହ ସାମିଲ୍ କରିବା ନେଇ ଅନୁମୋଦନ ମିଳିଛି ।

*Desk*

# ପାଣିପାଗ

କାଳ ବୈଶାଖୀର ପ୍ରଭାବରେ ବୌଦ୍ଧ ଓ ବଲାଙ୍ଗିରକୁ ବାଦ୍ ଦେଲେ ରାଜ୍ୟର ଅନ୍ୟ ଅଞ୍ଚଳଗୁଡ଼ିକର ଦିନର ସର୍ବାଧିକ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ଆସନ୍ତା ରବିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ରହିବ । ସୋମବାରଠାରୁ ପୁଣି ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । କାଳବୈଶାଖୀ ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ଦେବଗଡ଼ରେ ସର୍ବାଧିକ ୩୭ ମିଲିମିଟର ବର୍ଷା ହୋଇଥିଲା ।

*****